# ଭାରତୀୟ ସଂସଦୀୟ ବ୍ୟବସ୍ଥାର ସ୍ଥିତି ଓ ସଂସ୍କାର

## (ସଂବିଧାନର କାର୍ଯ୍ୟକାରିତା ସମୀକ୍ଷାକାରୀ ଜାତୀୟ କମିଶନଙ୍କ ରିପୋର୍ଟ-୨୦୦୨ ର ୫ମ ପରିଚ୍ଛଦର ଉପକ୍ରମଣିକାର ମର୍ମାନୁବାଦ )

ସମୀକ୍ଷାର ପ୍ରୟୋଜନ-

ସଂସଦ ହେଉଛି ଆମର ଲୋକପ୍ରତିନିଧିମୂଳକ ଗଣତାନ୍ତ୍ରିକ ବ୍ୟବସ୍ଥାର ଭାରକେନ୍ଦ୍ର । ସ୍ୱାଧୀନୋତ୍ତୋର କାଳରେ ଘଟିଯାଇଥିବା ଗୁରୁତ୍ୱପୂର୍ଣ୍ଣ ଘଟଣାମାନ ପରିପ୍ରେକ୍ଷିରେ ଏହା ଯେଉଁ ଭୂମିକା ଗ୍ରହଣ କରିଆସିଛି, ତାହା ବିଶ୍ୱର ଶ୍ରେଷ୍ଠତମ ବ୍ୟବସ୍ଥାପକ ସଭା ସହିତ ତୁଳନୀୟ । ଅର୍ଦ୍ଧଶତାବ୍ଦୀ ଧରି ଆମର ସଂସଦୀୟ ବ୍ୟବସ୍ଥାର ନିରବଚ୍ଛିନ୍ନ ଗତିପ୍ରବାହର ଯେଉଁ ଉଲ୍ଲେଖନୀୟ ନଜିର୍ ରହିଛି, ସେଥିରେ ଆମେ ନ୍ୟାୟତଃ ଗର୍ବ ଓ ଗୌରବ ଅନୁଭବ କରିଥାଉ । କିନ୍ତୁ ଆଉସବୁ ଜୀବନ୍ତ ଅନୁଷ୍ଠାନ ଭଳି ଆମର ବ୍ୟବସ୍ଥାପକ ସଭା ତାହାର ସାଙ୍ଗଠନିକ ଢାଞ୍ଚା ଓ କର୍ମପଦ୍ଧତିକୁ ସର୍ବଦା ସମୀକ୍ଷା କରିଚାଲିବା ଦରକାର । ଏହା ମନେରଖିବାକୁ ପଡିବଯେ, ସଂସଦୀୟ ଗଣତନ୍ତ୍ରରେ ସରକାର ଯେପରି ସଂସଦ ପାଖରେ ଉତ୍ତରଦାୟୀ, ସଂସଦ ସେପରି ସର୍ବୋଚ୍ଚ ସାର୍ବଭୌମ ଶକ୍ତିର ଉତ୍ସ ଜନତାଙ୍କ ପାଖରେ ଉତ୍ତରଦାୟୀ ରହିବା ବାଂଛନୀୟ ।

ଉଦ୍‌ବେଗର କାରଣ

୫.୨ କେନ୍ଦ୍ର ଓ ରାଜ୍ୟ ବ୍ୟବସ୍ଥାପକ ସଭାଗୁଡିକର କାର୍ଯ୍ୟପଦ୍ଧତି ସମ୍ବନ୍ଧରେ ଏକ ଅସନ୍ତୋଷର ଭାବନା ରହିଛି । ନିକଟ ଅତୀତରେ ସେମାନଙ୍କର କାର୍ଯ୍ୟାବଳୀର ଉଭୟ ପରିମାଣାତ୍ମକ ଓ ଗୁଣାତ୍ମକ ମାନଦଣ୍ଡରେ ଅବନ୍ନତି ଘଟିବା ଯୋଗୁଁ ଏହି ଅସନ୍ତୋଷ ସୃଷ୍ଟି ହୋଇଛି । ବର୍ଷକ ମଧ୍ୟରେ ବ୍ୟବସ୍ଥାପକ ସଭାଗୁଡିକ କେତେଦିନ ପାଇଁ ବସୁଛି ଏବଂ ସେମାନଙ୍କର ବୈଧାନିକ ଓ ଅନ୍ୟାନ୍ୟ କାର୍ଯ୍ୟମାନ କେତେଦୂର ସଂପାଦନ କରୁଛି, ତହିଁର ସମୀକ୍ଷା କଲେ ଜଣାଯିବ ଯେ, ଉଭୟ କାର୍ଯ୍ୟ ଦିବସ ସଂଖ୍ୟା ତଥା ସଂପାଦିତ କାର୍ଯ୍ୟର ପରିମାଣ ଆଖିଦୃଶିଆ ଭାବେ ହ୍ରାସ ପାଇଛି । ଯେଉଁ ଅଳ୍ପଦିନ ପାଇଁ ଏହି ବ୍ୟବସ୍ଥାପକ ସଭାମାନ ବସୁଛି, ସେହିସବୁ ଦିନମାନଙ୍କରେ ବହୁ ଅବାଂଛିତ ଘଟଣାମାନ ଘଟିଥାଏ, ଯଥା ପ୍ରତିପକ୍ଷକୁ ଦବାଇବା ପାଇଁ ବଳପ୍ରୟୋଗ, ବିତର୍କ ଓ ଆଲୋଚନା ବଦଳରେ ହଇହୋଲ୍ଲା କରିବା ଏବଂ ଏସବୁର ପରିଣତିରେ ସଂପୃକ୍ତ ସଭାଗୁଡିକର ଅଧିବେଶନଗୁଡିକୁ ମୁଲତବୀ ରଖିବା । ସଂସଦୀୟ କାରବାର ଓ  ବିତର୍କର ମାନଦଣ୍ଡରେ କ୍ରମାଗତ ଅଧୋଗତି ସହିତ ଜନସାଧାରଣଙ୍କ ଆଶା ଭରସାର କେନ୍ଦ୍ରସ୍ଥଳ ସଂସଦର ନୈତିକ କର୍ତ୍ତୃତ୍ୱ ଓ ମର୍ଯ୍ୟାଦାରେ ହାନି ଘଟିଛି ଏବଂ ଏହି କାରଣରୁ ଦେଶସାରା ଉଦ୍‌ବେଗ ବଢିଚାଲିଛି । ଆମ ସଂବିଧାନରେ ଏକ ସ୍ୱାଧୀନ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ କରିବାର ଏକ ମହାନ୍ ସ୍ୱପ୍ନର ଅବତାରଣା କରାଯାଇଛି ଏବଂ ଏହି ସ୍ୱପ୍ନକୁ ସାକାର କରିବା ଦିଗରେ ଜନସାଧାରଣ  ସଂଗ୍ରାମରତ ଓ କୃତସ୍ୱୀକାର କରିଚାଲିଛନ୍ତି । ସୁତରାଂ ଆମ ଜନସାଧାରଣଙ୍କର ଏକ ବିଶ୍ୱାସଯୋଗ୍ୟ ମଞ୍ଚରୂପେ ସଂସଦର ଭୂମିକାକୁ ଅଧିକ ମଜଭୁତ୍ କରିବା ପାଇଁ ଆବଶ୍ୟକୀୟ ସଂଶୋଧନୀ ପଦକ୍ଷେପମାନ ନିଆଯିବା ଆବଶ୍ୟକ । ଏକ ଗଣତାନ୍ତ୍ରିକ ବ୍ୟବସ୍ଥା ବଂଚିରହିବା ପାଇଁ ଏହା ସବୁଠୁଁ ଅଧିକ ଜରୁରୀ ଯେ, ଲୋକଙ୍କର ମନ ଓ ହୃଦୟରେ ସଂସଦ ସର୍ବୋଚ୍ଚ ଶ୍ରଦ୍ଧା ଓ ସମ୍ମାନର ଆସନ ଗ୍ରହଣ କରିବା ଉଚିତ୍ ।

ସଂସ୍କାରର ଆବଶ୍ୟକତା

୫.୩ ସଂସଦ ଓ ରାଜ୍ୟ ବିଧାୟିକା ମାନଙ୍କର ସବୁଠୁଁ ବଡ କାମ ହେଲା, ଲୋକମାନଙ୍କୁ ପ୍ରତିନିଧିତ୍ୱ କରିବା । ଏକଥା ମନେରଖିବା ଗୁରୁତ୍ୱପୂର୍ଣ୍ଣ  ଯେ, ଏକ ସଂସଦୀୟ ବ୍ୟବସ୍ଥାରେ ଲୋକମାନଙ୍କ ପାଇଁ ଏକ ପ୍ରତିନିଧିତ୍ୱମୂଳକ, ଦାୟିତ୍ୱଶୀଳ ଓ ଉତ୍ତରଦାୟୀ ସରକାରର ବ୍ୟବସ୍ଥା କରାଇବା ପାଇଁ ସଂସଦ ନିଜ ତରଫରୁ ଏକ ପଦ୍ଧତିର ଉଦ୍ଭବ ଘଟାଇବା ଜରୁରୀ । ଆମର ରାଜନୈତିକ ବ୍ୟବସ୍ଥା ଠିକ୍ ରୂପେ କାମ କରୁଛି କି ନାହିଁ, ତାହା ଜାଣିବାର ଏକ ଉପାୟ ହେଲା, ଗଠିତ ହେଉଥିବା ସରକାରଗୁଡିକ ସେମାନଙ୍କର ପୁରା କାର୍ଯ୍ୟକାଳ ପୁରଣ କରି ପାରୁଛନ୍ତି କି ନାହିଁ ତଥା   ଜନସାଧାରଣଙ୍କୁ ସୁଶାସନ ଦେଇ ପାରୁଛି କି ନାହିଁ । ଆମର ମୌଳିକ ଲକ୍ଷ୍ୟ ହେବା ଉଚିତ୍, ଆଜିକାର ସମସ୍ୟାଗୁଡିକୁ ମୁକାବିଲା କରିବାପାଇଁ ଉଭୟ ସରକାର ଓ ସଂସଦକୁ ସମର୍ଥ କରିବା । ଏକଥା ମଧ୍ୟ ସତ ଯେ, ଏବେକାର ସମସ୍ୟାଗୁଡିକ ସହିତ ବିଂଶ ଶତାବ୍ଦୀର ମଧ୍ୟଭାଗରେ ଆମ ସମାଜ ସମ୍ମୁଖୀନ ହୋଇଥିବା ସମସ୍ୟାଗୁଡିକର

ବିଶେଷ ସାଦୃଶ୍ୟ ନାହିଁ । ଆମର ମୌଳିକ ସମସ୍ୟାଗୁଡିକ ହେଲା ଅର୍ଥନୈତିକ ଓ ବୈଷୟିକ । ଆମର ଅଗଣିତ ଜନତାଙ୍କର ଆଶା ଆକାଂକ୍ଷାର ପରିପୂରଣ କରିପାରୁଥିବା ଏକ ସ୍ୱାବଲମ୍ବୀ ଅର୍ଥନୀତିର ଆଦର୍ଶକୁ ସମ୍ମୁଖରେ ରଖି ଜାତୀୟ ଅର୍ଥନୀତିର ପୁନର୍ଗଠନ କରିବା କ୍ଷେତ୍ରରେ ସଂସଦର ଏକ ନିର୍ଣ୍ଣାୟକ ଭୂମିକା ରହିଛି । ସଂସଦ ଏହି ଐତିହାସିକ ଭୂମିକା ପାଳନକରିପାରିବ, ଯଦି ଏହା ସୁଚାରୁ ରୂପେ ନିଜର କାର୍ଯ୍ୟପଦ୍ଧତିର ସଂସ୍କାର ଘଟାଏ ତଥା ଯଥାର୍ଥ ଅଗ୍ରାଧିକାର ଭିତ୍ତିରେ ନିଜର କାର୍ଯ୍ୟମାନ କରିଚାଲେ ।

ରାଜନୈତିକ ଅସ୍ଥିରତା

୫.୪ ଷଷ୍ଠ ଦଶନ୍ଧିର ଶେଷଭାଗରୁ ରାଜ୍ୟ ସ୍ତରରେ ଏବଂ ନିକଟ ଅତୀତରେ କେନ୍ଦ୍ରସ୍ତରରେ ଆମେ ସରକାର ଗଠନରେ ଅନିଶ୍ଚୟତା ଲକ୍ଷ୍ୟ କରିଆସୁଛୁ । ଏହାର କାରଣ ଗୃହରେ ଦେଖାଯାଉଥିବା ଅଚଳାବସ୍ଥା ତଥା ସଦସ୍ୟମାନଙ୍କର ନୀତିହୀନ ଦଳବଦଳ । ଏବେକାର ସବୁ ସରକାରଗୁଡିକ ନିଜ ସ୍ଥିତିର ସୁରକ୍ଷାକୁ ନେଇ ଏତେ ବ୍ୟସ୍ତ ଓ ବିବ୍ରତ ରହୁଛନ୍ତିଯେ, ଲୋକମାନଙ୍କ ପାଇଁ ସେମାନଙ୍କଠାରୁ ସୁଶାସନ ଆଶା କରିବା ବୃଥା । ସମ୍ବିଧାନର ୧୦ମ ଅନୁସୂଚିରେ ଥିବା ଦଳବଦଳ ବିରୋଧୀ ଆଇନ୍ ବଳରେ ଦଳବଦଳକାରୀ ମାନଙ୍କୁ ଅଯୋଗ୍ୟ ଘୋଷଣା କରି ରାଜନୈତିକ ସ୍ଥିରତା ଆଣିବାର ଲକ୍ଷ୍ୟ ପୋଷଣ କରାଯାଇଥିଲା । କିନ୍ତୁ ଏହାଦ୍ୱାରା କୌଣସି ସମସ୍ୟାର ସମାଧାନ ହେଲାନାହିଁ । ବ୍ୟକ୍ତିଗତଭାବେ ଦଳବଦଳ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦଣ୍ଡବିଧାନ କରାଯାଇପାରିଲା, କିନ୍ତୁ ଗୋଷ୍ଠୀଗତ ଦଳବଦଳ ବିରୁଦ୍ଧରେ ନୁହେଁ । ବସ୍ତୁତଃ ଦଳବିଭାଜନ ଓ ପୁନର୍ଗଠନ ତଥା ବିଭିନ୍ନ ଆଳରେ ଦଳତ୍ୟାଗ ଇତ୍ୟାଦି ଘଟଣାମାନ କ୍ରମାଗତ ବଢି ବଢିଚାଲିଛି । ରାଜନୈତିକ ମହଲରେ ଏସବୁ ଘଟଣା ପ୍ରତି ପୂର୍ବେ ଯେଉଁଭଳି ଘୃଣାଭାବ ପ୍ରକାଶ ପାଉଥିଲା, ତାହାତ ନାହିଁ, ବରଂ ଧୂର୍ତ୍ତ ଏବଂ କ୍ଷମତାଲିପ୍ସୁ ରାଜନେତା, ଯେଉଁମାନଙ୍କର ଅର୍ଥ ଏବଂ ଅପସାହାସ ଅଛି, ସେମାନଙ୍କୁ ମନ୍ତ୍ରୀ ପଦବୀର ଲୋଭ ଦେଖାଇ ଦଳଗୁଡିକର ଭଙ୍ଗାଗଢା କାର୍ଯ୍ୟକଳାପକୁ ଉତ୍ସାହିତ କରାଗଲା । ଜାତୀୟ କମିଶନ୍ ଏହି ପ୍ରସଙ୍ଗ ବିଷୟରେ ରିପୋର୍ଟର ୪ର୍ଥ ପରିଚ୍ଛଦରେ ବିଶଦ୍‌ରୂପେ ଆଲୋଚନା କରିଛନ୍ତି । କମିଶନ୍ ସୁପାରିଶ୍ କରନ୍ତିଯେ, ବ୍ୟକ୍ତିଗତ ବା ଗୋଷ୍ଠୀଗତ ସମସ୍ତ ଦଳବଦଳକୁ ନିଷିଦ୍ଧ କରାଯାଉ ।

ଝୁଲା ସଂସଦ

୫.୫ ୧୯୮୯ ଠାରୁ ଲୋକସଭାପାଇଁ ୫ଟି ସାଧାରଣ ନିର୍ବାଚନ ହୋଇଯାଇଛି । ଏହି ସମସ୍ତ ନିର୍ବାଚନରେ କୌଣସି ଗୋଟିଏ ଦଳ ଗୃହରେ ସଂଖ୍ୟା ଗରିଷ୍ଠତା ହାସଲ କରି ନଥିଲେ । ଏହି କାରଣରୁ ରାଜନୈତିକ ସ୍ଥିରତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଜାତୀୟ ଉ□ୟନପାଇଁ ହେଉଥିବା ପ୍ରଚେଷ୍ଟା ତଥା ଆନ୍ତର୍ଜାତିକ ଅର୍ଥନୈତିକ ଓ ନିରାପତ୍ତା ଦୃଶ୍ୟପଟରେ ଦେଖାଯାଇଥିବା ସୁଦୂରପ୍ରସାରୀ ପରିବର୍ତ୍ତନ ପରିପ୍ରେକ୍ଷିରେ ଆମର ରାଜନୈତିକ ଅସ୍ଥିରତାର ସମସ୍ୟା ଗଭୀର ତାତ୍ପର୍ଯ୍ୟ ବହନକରେ । ଜାତୀୟ କମିଶନ୍ ଏହି ପ୍ରସଙ୍ଗକୁ ୪ର୍ଥ ପରିଚ୍ଛଦରେ ବିଶ୍ଳେଷଣ କରିଛନ୍ତି । କମିଶନ୍ ସୁପାରିଶ କରନ୍ତି ଯେ, ସଂସଦର କାର୍ଯ୍ୟବିଧିର ସଂଶୋଧନ କରାଇ ଲୋକସଭାଦ୍ୱାରା ଗୃହର ନେତା (ପ୍ରଧାନମନ୍ତ୍ରୀ ) ନିର୍ବାଚନର ବ୍ୟବସ୍ଥା କରାଯାଉ ତଥା ଏକ ସକାରାତ୍ମକ ଅନାସ୍ଥା ପ୍ରସ୍ତାବ ଭିତ୍ତିରେ ମନ୍ତ୍ରୀ ପରିଷଦକୁ ବରଖାସ୍ତ କରିବାର ବ୍ୟବସ୍ଥା କରାଯାଉ ।

ନିରୁପମା ଜେନା,
ଆଡଭୋକେଟ, ଓଡିଶା ହାଇକୋର୍ଟ
ଗଣେଷଘାଟ, କଟକ-୭୫୩୦୦୨, ଫୋନ୍-୨୬୧୮୦୦୮